# Akashvani, Sambalpur

## SAMBALPURI NEWS BULLETIN

### 28 October 2025 – 6.47- 6.52 am.

**********************************************

ବାତ୍ୟା ମୋନ୍ଥା I&PR

ବାତ୍ୟା ମୋନ୍ଥା ଦକ୍ଷିଣ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଉପ୍‌ରେ କେନ୍ଦ୍ରୀଭୂତ ହେଇକରି ଉତର୍ ପଶ୍ଚିମ ଦିଗ୍‌କେ ୧୮ କିଲୋମିଟର୍ ବେଗଥି ବଢୁଛେ । ଆଏଜ୍ ବେଲ୍‌ବୁଡ଼ାନୁ ରାଏତ୍‌ତକ୍ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ମଛ୍‌ଲିପଟନମ-କଲିଙ୍ଗପଟନମ୍ ଭିତ୍‌ରେ ବାତ୍ୟା ସ୍ଥଲ୍‌ଭାଗ୍‌କେ ପୁହୁଁଚିବା । ଇ ସମିଆଥି ଘଂଟାକ ୯୦ ନୁ ଶହେ ୧୦ କିଲୋମିଟର୍ ବେଗଥି ପବନ୍ ବୁହିବା । ଇଥି ଓଡ଼ିଶାର୍ ୮ ଟା ଜିଲ୍ଲା ବହୁତ୍‌ଟେ ପ୍ରଭାବିତ୍ ହେବା । ବୁଧବାର୍ ଭୋର୍ ସମିଆଥି ବାତ୍ୟା ମୋନ୍ଥା ମାଲ୍‌କାନ୍‌ଗିରି ଜିଲ୍ଲାର୍ ବାଲିମେଳା ଜଲ୍‌ଭଣ୍ଡାର୍ ଦେଇକରି ଓଡ଼ିଶାକେ ପଶ୍‌ବା । ସେତେବେଲ୍‌କେ ଇତାର୍ ପ୍ରଭାବ୍ ସାମାଏନ୍ କମିଥିବା । ହେଲେଭିଲ୍ ପବନ୍‌ର ବେଗ ୬୦ ନୁ ୭୦ କିଲୋମିଟର୍ ରହେବା । ମାଲ୍‌କାନ୍‌ଗିରି ସହର୍ ଦେଇକରି ବାତ୍ୟା ସିଧା ଛତିଶ୍‌ଗଡ଼୍ ଆଡ଼େ ଯିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଏକେ ବାତ୍ୟା ଥିତିର୍ ସମୀକ୍ଷା କର୍‌ବେ । ମୁମ୍ବାଇ ଗସ୍ତନୁ ଫିରିକରି ମୁଖ୍ୟମନ୍ତ୍ରୀ ଆଏଜ୍ ଦିନର୍ ୧୦ ବଜେ ସମୀକ୍ଷା କର୍‌ବେ ବଲି ଜନାପଡ଼ିଛେ ।

ବାତ୍ୟା ଥିତିର୍ ମୁକାବିଲାକେ ନେଇକରି ଗଲାକାଏଲ୍ ଭିଲ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଜରୁରୀ ବୈଠକ୍ ହେଇଥିଲା ।

ବୈଠକ୍ ଉତ୍‌ରୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, କଲାହାଣ୍ଡି, ମାଲ୍‌କାନ୍‌ଗିରି, କୋରାପୁଟ, ନବରଙ୍ଗ୍‌ପୁର୍, କନ୍ଧମାଲ୍, ଗଜପତି, ଗଞ୍ଜାମ୍, ରାୟଗଡ଼ା ଜିଲ୍ଲା ବାତ୍ୟାଥି ସବୁନୁ ଜହ ପ୍ରଭାବିତ୍ ହେବା । ଇ ଜିଲ୍ଲାମାନ୍‌କେ ୨୮ ନୁ ୩୦ ତାରିଖ୍‌ତକ୍ ଆଉ ୩ ଟା ଜିଲ୍ଲା ନ ୨ ଦିନ୍ ସ୍କୁଲ୍ ଛୁଟି ଘୋଷ୍‌ନା କରାଯାଇଛେ । ପ୍ରଭାବିତ୍ ହେବାର୍‌କେ ଥିବା ଜିଲ୍ଲାମାନ୍‌କେ ଶହେ ୪୦ ଟା ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ଦଲ୍ ମୁତୟନ୍ ଅଛନ୍ । ଇହାଦେତକ୍ ୩ ହଜାର୍ ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ନିଆଯାଇଛେ ବଲି ଶ୍ରୀ ପୂଜାରୀ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ସେଆଡ଼େ ବାତ୍ୟାକେ ନେଇକରି କୃଷି ବିଭାଗ୍ ତର୍‌ଫୁ ଆଏବା ୩୧ ତାରିଖ୍‌ତକ୍ ବିଭାଗ୍‌ର ସବୁ ଅଧିକାରୀମାନ୍‌କର୍ ଛୁଟି ବାତିଲ୍ କରାଯାଇଛେ ।

ପ୍ରଧାନ୍ ବିଚାର୍‌ପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁପ୍ରିମ୍‌କୋର୍ଟର ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶର୍ ୫୩ ନମ୍ବର୍ ପ୍ରଧାନ୍ ବିଚାର୍‌ପତି ହେବେ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇ ଗଲାକାଏଲ୍ ତାଙ୍କର୍ ନାଁକେ ସୁପାରିଶ୍ କରିଛନ୍ । ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର୍ କାର୍ଯ୍ୟକାଳ ୧୪ ମାସ୍‌ତକ୍ ରହେବା ।

ଭାରତୀୟ ନୌବାଣିଜ୍ୟ ସପ୍ତାହ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁମ୍ବାଇ ନ ଚାଲିଥିବା ଭାରତୀୟ ନୌବାଣିଜ୍ୟ ସପ୍ତାହ -୨୦୨୫ ସମାରୋହଥି ଆଏଜ୍ ଯୋଗ୍ ଦେବେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭାରତ୍‌ର ନୌବାଣିଜ୍ୟ କ୍ଷେତ୍ରଥି ଓଡ଼ିଶାର୍ ଗୌରବମୟ ଯୋଗଦାନ୍ ଆଉ ତାର୍ ଐତିହ୍ୟ ବାବ୍‌ଦେ ଅଭିଭାଷଣ୍ ରଖିବେ ।

କିଶୋରୀ କିଶୋର ସମାବେଶ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତରଫୁ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ୨ ଦିନିଆ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ୍ ମୁଲ୍ ହେବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗ୍‌ର

ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ସମାବେଶ୍‌ରେ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ରହେବେ ।

ନୂଆପଡ଼ା ଉପନିର୍ବାଚନ I&PR

ନୂଆପଡ଼ା ବିଧାନ୍‌ସଭା ମଣ୍ଡଳୀ ଉପନିର୍ବାଚନ୍ ଲାଗି ଗଲାକାଏଲ୍ ଇଭିଏମ୍ ଆଉ ଭିଭିପାଟ୍ ମିସିନ୍‌ମାନ୍‌କର୍ ୨ ନମ୍ବର୍ ଖେପ୍ ରେଣ୍ଡମାଇଜେସନ୍ ଆଉ ପେୟାରିଙ୍ଗ୍ କାମ୍ ଶେଷ୍ ହେଇଛେ । ଉପ ଜିଲ୍ଲାପାଲ୍ ଆଉ ରିଟର୍ଣ୍ଣିଂ ଅଧିକାରୁ ସୁର୍‌ମି ସୋରେନ୍‌ଙ୍କର୍ ଲଗ୍‌ଇନ୍ ଥି ଆଉ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ଜିଲ୍ଲା ନିର୍ବାଚନ ଅଧିକାରୀ ଆଉ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଉପସ୍ଥିତିଥି ଇ କାମ୍ ଶେଷ୍ ହେଇଛେ । ତାର୍‌ଉତ୍‌ରୁ ଉପନିର୍ବାଚନ୍‌ର ସବୁ ପ୍ରାର୍ଥୀ ଆଉ ସେମାନ୍‌କର୍ ପ୍ରତିନିଧିଙ୍କର୍ ଉପସ୍ଥିତିଥି ଫେର୍‌ଘାଏ ୩ ନମ୍ବର୍ ରାଉଣ୍ଡ ରେଣ୍ଡମାଇଜେସନ୍ କରାଯାଇଥିଲା । ଇ କାମ୍ ସର୍‌ଲା ଉତ୍‌ରୁ ସବୁ ମିସିନ୍‌ମାନ୍‌କର୍ କମିଶନିଂ କରାଯାଇକରି ବୁଥ୍ ମାନ୍‌କୁ ପଠାଯିବା । ସୂଚ୍‌ନା ଅନ୍‌ସାରେ ସବୁ ଭୋଟିଂ ମିସିନ୍ ନୂଆପଡ଼ା ନେସ୍‌ନାଲ୍ କଲେଜ୍‌ର ଷ୍ଟ୍ରଙ୍ଗ୍ ରୁମ୍ ନ ସୁରକ୍ଷିତ୍ ଭାବେ ରଖାଯାଇଛେ ।

ବସ୍-ଅଗ୍ନି ନିରାପତା ବ୍ୟବସ୍ଥା      ଆର୍ଏନ୍ୟୁ/ ସମ୍ବଲପୁର

ଅଗ୍ନି ନିରାପତା ବ୍ୟବସ୍ଥା ନାଇଁଥିବା ବସ୍ ମାନ୍କୁ ଠାବ୍ କର୍ବାର୍ ଲାଗି ରାଜ୍ୟ ଅଗ୍ନିଶମ ଆଉ ଜରୁରୀକାଳୀନ ସେବା ନିର୍ଦ୍ଦେଶାଳୟ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଓଡ଼ିଶା ନ ଗାଡ଼ିମଟର୍ମାନ୍କେ ନିଆଁ ଲାଗ୍ବାର୍ ଦୁର୍ଘଟଣା ରୁକ୍ବାର୍ ଲାଗି ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ଅଗ୍ନିଶମ ନିର୍ଦ୍ଦେଶାଳୟ ଆଉ ରାଜ୍ୟ ବସ୍ ମାଲିକ ସଂଘ ଭିତ୍ରେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଏଜେ ଚାଲୁଥିବା ବସ୍ମାନେ ଅଗ୍ନି ନିରାପତା ନିର୍ଦ୍ଦେଶାବଳୀ ପାଲନ୍ କରୁଛନ୍ କି ନାଇଁ ତାର୍ ତାଲିକା ବନାବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ବଲାଙ୍ଗିର୍-ଦୁର୍ନୀତି ନିବାରଣ୍ ସପ୍ତାହ      ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାପାଲ୍ କାର୍ଯ୍ୟାଳୟ ସହେତେ ଭିନ୍ ଭିନ୍ ସର୍କାରୀ କାର୍ଯ୍ୟାଳୟ ମାନ୍କେ ଦୁର୍ନୀତି ନିବାରଣ୍ ସପ୍ତାହ ପାଲନ୍ କରାଯାଇଛେ । ବ୍ଲକ୍ ମାନ୍କର୍ ସର୍କାରୀ କାର୍ଯ୍ୟାଳୟ ମାନ୍କେ ଭିଲ୍ ଇ ଅବ୍ସରେ ଶପଥ୍ ପାଠ୍ କରାଯାଇଛେ ।

ରାଜେନ୍ଦ୍ର ପଣ୍ଡା ସ୍ମୃତି ସଭା      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ମହାନଦୀ ସାହିତ୍ୟ ସଂସଦ୍ ତର୍ଫୁ କବି ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କର୍ ସ୍ମୃତି ସଭା ହେଇଯାଇଛେ । ଶ୍ରୀ ଗୋପାଲ୍‌ଜୀ ଯୋଗାଲୟ ନ ସଂସଦ୍‌ର ଉପସଭାପତି ବେଣୁଧର୍ ପ୍ରଧାନ୍‌ଙ୍କର୍ ସଂଯୋଜନାଥି ହେଇଥିବା ସ୍ମୃତିସଭା ନ କବିଙ୍କର୍ ୭ ଟା କବିତା ପାଠ କରାଯାଇଥିଲା । ଡକ୍ଟର୍ ସୌରଭ ରଞ୍ଜନ୍ ଖମାରୀଙ୍କର୍ ସଭାପତିତ୍ୱଥି ହେଇଥିବା ସ୍ମୃତିସଭାଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ଆଉ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

ଛାତ୍ରବୃତି ଆବେଦନ୍ ସମିଆ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ୍ ଯୋଜ୍‌ନା ଅଧୀନ୍‌ଥି ଥିବା ଭିନ୍ ଭିନ୍ ଛାତ୍ରବୃତି ଆବେଦନ୍ ସମିଆକେ ନଭେମ୍ବର୍ ୪ ତାରିଖ୍‌ତକ୍ ବଢ଼ାଯାଇଛେ । ଇ-ମେଧାବୃତି ଥି ଥିବା ସ୍ନାତକ, ସ୍ନାତକୋତର, ବୈଷୟିକ ଆଉ ବୃତିଗତ ମେଧାବୀ ଆବେଦନ୍ ଇ ସମିଆଥି ଅନ୍‌ଲାଇନ୍ ଜରିଏ କରାଯାଇପାର୍‌ବା ।